# ଚିଙ୍ଗୁଡ଼ି ଆମଦାନୀରେ ଆଣ୍ଟି-ଡମ୍ପିଂ ଫି' ଲାଗୁକଲା ଆମେରିକା

**ସେନ୍‌ସେକ୍ସ**



ସେନ୍‌ସେକ୍ସ
୩୩,୯୧୭.୩୪ (+୬୦୧.୮୦)
ନିଫ୍‌ଟି:
୧୦,୪୨୧.୪୦ (+୧୯୪.୫୩)
ମିଡ୍‌କ୍ୟାପ୍‌:
୧୬,୧୦୮.୨୭ (+୧୨୧.୦୦)
ସ୍ମଲ୍‌କ୍ୟାପ୍‌:
୧୭,୪୦୩.୨୯(+୯୭.୩୭)
କ୍ରୁଡ୍ ଅଏଲ୍‌:
୪୦୨୫.୦୦ (+୮.୦୦)
ଡଲାର:୬୪.୮୮
ୟୁରୋ: ୮୦.୫୭
ପାଉଣ୍ଡ: ୯୦.୧୩
ୟେନ୍‌: ୦.୬୧
ଟପ୍ ଗେନର୍ସ ଆଣ୍ଡ ଲୁଜର୍ସ
ଭାରତୀ ଏୟାରଟେଲ୍
୪୨୦.୭୫ (+୪.୬୮%)
କୋଲ୍ ଇଣ୍ଡିଆ
୨୯୭.୮୦ (-୨.୨୬%)

**ଭୁବନେଶ୍ୱର, ୧୨।୩/ଏଜେନ୍ସି:** ଆମେରିକା ହେଉଛି ଭାରତ ରପ୍ତାନି କରୁଥିବା ସାମୁଦ୍ରିକ ଖାଦ୍ୟର ବୃହତ୍ତମ ବଜାର। ଆମେରିକାର ଡିପାର୍ଟମେଣ୍ଟ ଅଫ୍ କମର୍ସ (ଡିଓସି) ଭାରତରୁ ରପ୍ତାନି ହେଉଥିବା ଚିଙ୍ଗୁଡ଼ି ଉପରେ ଆଣ୍ଟି-ଡମ୍ପିଂ ଡ୍ୟୁଟି ଯାହା ୦.୮୪% ଥିଲା ତାହାକୁ ତିନି ଗୁଣ ବଢ଼ାଇ ୨.୩୪% କରିଛି। ଆମେରିକାର ଡିଓସି ୨୦୧୬ ଫେବୃଆରୀ ପହିଲାରୁ ୨୦୧୭ ଜାନୁଆରୀ ୩୧ ତାରିଖ ମଧ୍ୟରେ କରିଥିବା ପ୍ରାଥମିକ ସମୀକ୍ଷାର ନିର୍ଯ୍ୟାସ ଅନୁଯାୟୀ ଭାରତରୁ ଆମଦାନୀ ଚିଙ୍ଗୁଡ଼ି ସେଠାକାର ବଜାରରେ ଧାର୍ଯ୍ୟଠାରୁ କମ୍ ଦରରେ ବିକ୍ରି ହେଉଥିଲା। ତେଣୁ ଆମେରିକାର ଘରୋଇ ସାମୁଦ୍ରିକ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପକୁ ସୁରକ୍ଷା ଦେବା ଲକ୍ଷ୍ୟରେ ଭାରତରୁ ଆମଦାନୀ ଚିଙ୍ଗୁଡ଼ି ଉପରେ ଡିଓସି ଆଣ୍ଟି-ଡମ୍ପିଂ ଡ୍ୟୁଟି ବଢ଼ାଇଛି। ଭାରତରୁ ଦେବୀ ଫିସେରିଜ୍, ଲିବର୍ଟି ଗ୍ରୁପ୍, ଫାଲକନ୍ ମେରାଇନ୍ ଏକ୍ସପୋର୍ଟସ୍ ଆଦି ଅନେକ କମ୍ପାନୀ ଆମେରିକାକୁ ଚିଙ୍ଗୁଡ଼ି ଓ ଅନ୍ୟ ସାମୁଦ୍ରିକ ଖାଦ୍ୟ ରପ୍ତାନି କରିଥାନ୍ତି। ଆମେରିକାକୁ ମୁଖ୍ୟତଃ ଭାରତ, ଇଣ୍ଡୋନେସିଆ, ଥାଇଲ୍ୟାଣ୍ଡ ଓ ଭିଏତନାମ୍‌ରୁ



ଚିଙ୍ଗୁଡ଼ି ରପ୍ତାନି ହୋଇଥାଏ। ଆମେରିକାର ଡିଓସି ଦେବୀ ଫିସେରିଜ୍ ପାଇଁ ଆଣ୍ଟି-ଡମ୍ପିଂ ଡ୍ୟୁଟି ୨.୩୪% ଧାର୍ଯ୍ୟ କରିଥିବା ବେଳେ ଲିବର୍ଟି ଗ୍ରୁପ୍ ପାଇଁ ତାହା ୦% ରଖିଛି। ଆମେରିକାକୁ ଚିଙ୍ଗୁଡ଼ି ରପ୍ତାନି କରୁଥିବା ଅନ୍ୟ ସମସ୍ତ ଭାରତୀୟ କମ୍ପାନୀଙ୍କ ପାଇଁ ମଧ୍ୟ ବର୍ଦ୍ଧିତ ଆଣ୍ଟି-ଡମ୍ପିଂ ଡ୍ୟୁଟି ଲାଗୁ ହୋଇଛି। ତେବେ ଚିଙ୍ଗୁଡ଼ି ଖାଦ୍ୟ ଉତ୍ପାଦନ କରୁଥିବା ଓ ଚିଙ୍ଗୁଡ଼ି ରପ୍ତାନି କରୁଥିବା କମ୍ପାନୀ ଅବନ୍ତୀ ଫିଡସ୍‌ର ପରିଚାଳନା ନିର୍ଦ୍ଦେଶକ ଏ ଇନ୍ଦ୍ର କୁମାର କହିଛନ୍ତି, ଭାରତରୁ ଆମଦାନୀ ଚିଙ୍ଗୁଡ଼ି ଉପରେ ଆଣ୍ଟି-ଡମ୍ପିଂ ଫି ବୃଦ୍ଧି ସମ୍ପର୍କିତ ଆମେରିକାର ଡିଓସିର ଘୋଷଣା ଚୂଡ଼ାନ୍ତ ନୁହେଁ। ଏହା ଏକ ପ୍ରାଥମିକ ଘୋଷଣା। ଗତବର୍ଷ ମଧ୍ୟ ଡିଓସି ଭାରତରୁ ଆମଦାନୀ ଚିଙ୍ଗୁଡ଼ି ଉପରେ ଆର୍ଟ-ଡମ୍ପିଂ ଫି ୧.୦୭% ଲାଗୁ ପାଇଁ ପ୍ରସ୍ତାବ ଦେଇଥବଲା ଯାହା ପରେ ୦.୮୪%କୁ ହ୍ରାସ ପାଇଥିଲା। ତେଣୁ ଆଣ୍ଟି-ଡମ୍ପିଂ ଫି ବୃଦ୍ଧି ଭାରତରୁ ଆମେରିକାକୁ ଚିଙ୍ଗୁଡ଼ି ରପ୍ତାନି କରୁଥିବା କମ୍ପାନୀଙ୍କ ବ୍ୟବସାୟକୁ ବିଶେଷ ପ୍ରଭାବିତ କରିବ ନାହିଁ। ଭାରତରେ ଚିଙ୍ଗୁଡ଼ି ଶିଳ୍ପର ବାର୍ଷିକ ଅଭିବୃଦ୍ଧି ହାର ୧୦ରୁ ୧୫% ରହିବା ଆକଳନ କରାଯାଉଛି। ସେପରି ସ୍ଥଳେ ୨୦୨୧ ବେଳକୁ ଭାରତରେ ଚିଙ୍ଗୁଡ଼ି ଉତ୍ପାଦନ ବାର୍ଷିକ ୮ଲକ୍ଷ ଟନ୍‌ରେ ପହଞ୍ଚିବା ସମ୍ଭାବନା ରହୁଛି।

ଆମେରିକାର ଉଭୟ ରିପବ୍ଲିକାନ୍ ଓ ଡେମୋକ୍ରାଟିକ୍ ପାର୍ଟିର ୧୧ ଜଣ ସିନେଟର୍ ସି ଫୁଡ୍ ଇମ୍ପୋର୍ଟ ମନିଟରିଂ ପ୍ରୋଗ୍ରାମ୍ (ଏସ୍‌ଆଇଏମ୍‌ପି)ରେ ଚିଙ୍ଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯିବା ସପକ୍ଷରେ ଅଛନ୍ତି। ତାହାହେଲେ ଆମେରିକାରେ ଚିଙ୍ଗୁଡ଼ି ଶିଳ୍ପ ଯେଉଁ ଷ୍ଟାଣ୍ଡାର୍ଡଗୁଡ଼ିକ ଅନୁଯାୟୀ କାର୍ଯ୍ୟ କରନ୍ତି ଆମେରିକାକୁ ଚିଙ୍ଗୁଡ଼ି ରପ୍ତାନି କରୁଥିବା କମ୍ପାନୀଗୁଡ଼ିକୁ ସମାନ ଷ୍ଟାଣ୍ଡାର୍ଡଗୁଡ଼ିକ ନିଶ୍ଚିତ ମାନିବାକୁ ପଡ଼ିବ। ଆମେରିକାର ଘରୋଇ ଶିଳ୍ପକୁ ସୁରକ୍ଷା ଦେବା ଓ ଆମଦାନୀକୁ ନିରୁତ୍ସାହିତ କରିବା ପାଇଁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସରକାର ଆମଦାନୀ ଶୁଳ୍କ ବଢ଼ାଉଛନ୍ତି।

ନିତିଦିନ NITIDIN Tue, Mar 13, 2018
http://odishanewsnitidin.com